ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , କୋରାପୁଟ

ଭୂ-ଅର୍ଜନ ଉପବିଭାଗ

ସଂଖ୍ୟା ୫୯୮/୨୦୨୦ ତାରିଖ ୨୭/୧୦/୨୦୨୦

# ବିଜ୍ଞାପନ

## ସାମାଜିକ ପ୍ରଭାବ ନିର୍ଦ୍ଧାରଣରେ ସ୍ୱଚ୍ଛତା ପାଇଁ ଜନଶୁଣାଣି ନିମନ୍ତେ ବିଜ୍ଞାପନ ।

ରାଜ୍ୟ ସରକାର ପ୍ରଭାବିତ ଗ୍ରାମ/ୱାର୍ଡ ସ୍ତରରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତଙ୍କ ପରାମର୍ଶକ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥି ନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ଅଧିସୂଚନା ସଂଖ୍ୟା. ୧୪୭୩୪/R&DM ତା.୨୧.୦୪.୨୦୨୦ ପରିଦୃଷ୍ଟେ ନିମ୍ନଲିଖିତ ମୌଜାର ଜନଶୁଣାଣି ତା. ୧୬.୧୧.୨୦୨୦ ପୂର୍ବାହ୍ନ ଘ. ୧୧.୩୦ ମିନିଟ ସମୟରେ ସମ୍ପୃକ୍ତ ଗ୍ରାମପଞ୍ଚାୟତ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ । ଅତଏବ, ସମ୍ପୃକ୍ତ ଗ୍ରାମର ସମସ୍ତ ଗ୍ରାମବାସୀଙ୍କୁ ଅବଗତ କରାଗଲା ଯେ ସେମାନେ ଉକ୍ତ ଜନଶୁଣାଣିରେ ପ୍ରତ୍ୟକ୍ଷ ଭାବେ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିବେ । ଏହି ବିଜ୍ଞାପନ ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଅଧିନିୟମ-୨୦୧୬ ର ଧାରା ୧୪ ଅନୁଯାଇ ଉକ୍ତ ଜନଶୁଣାଣି କରାଯିବ ।

୧. ଆଡମୁଣ୍ଡା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ପାଇଁ କୋରାପୁଟ ଜିଲ୍ଲାରେ ପ୍ରସ୍ତାବିତ ଭୂ ଅଧିଗ୍ରହଣ ବିବରଣୀ /ତଫସିଲ ।

| କ୍ରମିକ ସଂଖ୍ୟା | ତହସିଲ | ଗ୍ରାମ ପଞ୍ଚାୟତ | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ |
|---|---|---|---|---|---|
| ୧ | ଦଶମନ୍ତପୁର | ମାଲକାନଗିରି | ପାଇକପୁଲବେଡା | ଏକର.୧୫.୮୧ | |
| ୨ | ଦଶମନ୍ତପୁର | ମାଲକାନଗିରି | ପରଜାପୁକି | ଏକର.୭.୪୬ | |
| ୩ | ଦଶମନ୍ତପୁର | ନନ୍ଦୀଗାଁ | ନନ୍ଦୀଗାଁ | ଏକର.୧୨.୪୫ | |
| ୪ | ଦଶମନ୍ତପୁର | ମାଲକାନଗିରି | ମାଲକାନଗିରି | ଏକର.୧୦.୬୫ | |
| ମୋଟ | | | | ଏକର.୪୬.୩୭ | |

ଦେବେନ କୁମାର ପ୍ରଧାନ

ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ

କୋରାପୁଟ

ଜ୍ଞାପକ ସଂଖ୍ୟା ୪୯୯ /୨୦ ତାରିଖ ୨୭ /୧୦/୨୦୨୦

ଏହାର ଏକକିତା ନକଲ Coordinator, State SIA Unit, ଭୁବନେଶ୍ୱର/ଅରୁନ ଗ୍ରାମ୍ୟ ବିକାଶ ପ୍ରତିଷ୍ଠାନଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଦେବେନ କୁମାର ପ୍ରଧାନ
ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ
କୋରାପୁଟ

ଜ୍ଞାପକ ସଂଖ୍ୟା ୫୦୦ /୨୦ ତାରିଖ ୨୭ /୧୦/୨୦୨୦

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, କୋରାପୁଟ/ଗୋଷ୍ଠି ଉନ୍ନୟନ ଅଧିକାରୀ, ଦଶମନ୍ତପୁର/ତହସିଲଦାର, ଦଶମନ୍ତପୁର/ ସରପଞ୍ଚ ମାଲକାନଗିରି ଗ୍ରାମ ପଞ୍ଚାୟତଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ତହସିଲଦାର, ଦଶମନ୍ତପୁରଙ୍କୁ ବିଜ୍ଞାପନର ତିନିକିତା ନକଲ ପ୍ରେରଣ କରାଯାଇ ଅନୁରୋଧ କରାଗଲା ଯେ, ଉକ୍ତ ବିଜ୍ଞାପନର ଗୋଟିଏ ଗୋଟିଏ ନକଲ ପାଇକଫୁଲବେଡା, ପରଜାପୁକି, ନନ୍ଦୀଗାଁ ଓ ମାଲକାନଗିରି ପ୍ରତ୍ୟେକ ମୌଜାର ଅନ୍ତତ ଦୁଇଜଣ ଗ୍ରାମବାସୀଙ୍କ ସ୍ୱାକ୍ଷର ନେଇ ସାର୍ବଜନୀନ ସ୍ଥଳୀରେ ପ୍ରକାଶନ କରି ଜାରିକୃତ ନକଲ ଏହି କାର୍ଯ୍ୟାଳୟକୁ ପ୍ରେରଣ କରିବେ ।

ଦେବେନ କୁମାର ପ୍ରଧାନ
ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ
କୋରାପୁଟ

ଜ୍ଞାପକ ସଂଖ୍ୟା ୫୦୧/୨୦ ତାରିଖ ୨୭ /୧୦/୨୦୨୦

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ , କୋରାପୁଟଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ D.I.O, NICଙ୍କୁ ପ୍ରେରଣ କରାଯାଇ ଜିଲ୍ଲା ୱେବ ସାଇଟରେ ପ୍ରକାଶନ ପାଇଁ ଅନୁରାଧ ।

ଦେବେନ କୁମାର ପ୍ରଧାନ
ଅତିରିକ୍ତ ଜିଲ୍ଲାପାଳ ତଥା ନୋଡାଲ ଅଧିକାରୀ
କୋରାପୁଟ